# ଗୁରୁଆଞ୍ଜା ଓ ଓଡ଼ିଆ ଭାଷାଭାଷୀଙ୍କ ଏକତ୍ରୀକରଣ

ଡ଼. ଶ୍ରୀମତୀ ରେଣୁ ମିଶ୍ର

ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାଭାଷୀଗଣ ତିନୋଟି ପ୍ରଦେଶରେ ବସବାସ କରୁଥିଲେ । ଓଡ଼ିଶାର ଉପକୂଳ ଅଞ୍ଚଳର ପ୍ରଶାସକ ଥିଲେ ବଙ୍ଗ ପ୍ରଦେଶର ଗଭର୍ଣ୍ଣର । ଦକ୍ଷିଣର ଗଞ୍ଜାମ ଏଜେନ୍ସି ମାନ୍ଦ୍ରାସ ଶାସକଙ୍କ ଦ୍ୱାରା ଶାସିତ ହେଉଥିଲା । ସମ୍ବଲପୁର ଅଞ୍ଚଳ ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ ଥିଲା । ପ୍ରତ୍ୟେକ ସ୍ଥାନରେ ଓଡ଼ିଆ ମାନେ ଥିଲେ ସଂଖ୍ୟାଲଘୁ । ସଂଖ୍ୟାଗରିଷ୍ଠ ଲୋକ ତାଙ୍କୁ ଶାସନ କରୁଥିଲେ । ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ବଙ୍ଗାଳୀ, ତେଲୁଗୁ ଓ ହିନ୍ଦୀ ଭାଷାମାନେ ବହୁତ ଉଦ୍ୟମ କରୁଥିଲେ । ମୋଟରେ ଓଡ଼ିଆ ମାନଙ୍କର କୌଣସି ବ୍ୟକ୍ତିଗତ ପରିଚୟ ନ ଥିଲା । ସ୍ୱୀୟ ପରିଚୟ ଓ ସ୍ୱାତନ୍ତ୍ର୍ୟପ୍ରତିଷ୍ଠା କରିବା ପାଇଁ ଓଡ଼ିଆ ମାନଙ୍କ ମଧ୍ୟରେ ଦେଖାଦେଲା ଜାଗରଣ । ଊନବିଂଶ ଶତାବ୍ଦୀର ଶେଷାଂଶରେ ସମ୍ବଲପୁରରେ ଦେଖାଗଲା ଅଭୁତପୂର୍ବ ନବଜାଗରଣ । ସେ ସମୟରେ ଶାସକ ଗୋଷ୍ଠୀ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷାକୁ କୋର୍ଟ କଚେରୀର ଭାଷା ରୂପେ ବ୍ୟବହାର କରିବା ନିମିତ୍ତ ଆଦେଶ ଦେଲେ । ଏହି ଆଦେଶ ବିରୁଦ୍ଧରେ ପ୍ରଜ୍ୱଳିତ ହୋଇଉଠିଲା ଜନବିକ୍ଷୋଭ ବହ୍ନି । ୧୮୯୪ ରେ ଜନତାର ବିଜୟ ହେଲା । ସମ୍ବଲପୁର ଅଞ୍ଚଳରେ ଓଡ଼ିଆଭାଷା କୋର୍ଟ କଚେରୀରେ ପୁନଃ ପ୍ରଚଳିତ ହେଲା ।

୧୯୦୫ ଖ୍ରୀ.ରେ ସମ୍ବଲପୁର ଜିଲ୍ଲା ଓଡ଼ିଶା ଡିଭିଜନ ସହିତ ସନ୍ନିଶ୍ରିତ ହେଲା । ମଧ୍ୟପ୍ରଦେଶରୁ ଏହା ବିଚ୍ଛିନ୍ନ ହେଲା । ଏହିଦିନଠାରୁ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭିତ୍ତି ପ୍ରସ୍ତର ସଂସ୍ଥାପିତ ହେଲା । ତା ୧୬-୧୦-୧୯୦୫, ଦିନ କେନ୍ଦ୍ରୀୟ ପ୍ରଦେଶରୁ ସ୍ୱତନ୍ତ୍ର ହୋଇ ସମ୍ବଲପୁର ଜିଲ୍ଲା ଓ ନିକଟସ୍ଥ ଦେଶୀୟ ରାଜ୍ୟ ଗଣଓଡ଼ିଶା ଡ଼ିଭିଜନ ସହିତ ମିଶିଲେ । ତା ୧୭-୯-୧୯୨୪ ଦିନ ସମ୍ବଲପୁର ସ୍ଥିତ ଫ୍ରେଜର କ୍ଲବରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସେଥିରେ ସମ୍ବଲପୁରର ସମସ୍ତ ନେତୃବର୍ଗ ଯୋଗଦାନ କରିଥିଲେ । ସଭାର ଆୟୋଜନରେ ଗୁରୁଆଞ୍ଜାଙ୍କ ଅବଦାନ ଯଥେଷ୍ଟ ଥିଲା ।

ଏଠାରେ ସୂଚନା ଦିଆ ଯାଇପାରେ ଯେ ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନ ସମ୍ବଲପୁରରେ ଡିସେମ୍ବର ୧୯୧୫ ରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଆଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସମ୍ବଲପୁରର ନେତୃତ୍ୱ ଏହି ସମ୍ମିଳନୀରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ପଞ୍ଚଦଶ ଅଧିବେଶନ ହୋଇଥିଲା ୧୯୧୯ ଖ୍ରୀ. ଡିସେମ୍ବର ମାସରେ ପୁରୀରେ । ଚନ୍ଦ୍ରଶେଖର ବେହେରା ଏହି ଅଧିବେଶନରେ ସମ୍ବଲପୁରର ଗୁରୁତ୍ୱ ପ୍ରତିପାଦନ କରିଥିଲେ ।

୧୯୨୪ ର ସଭାରେ ସଭାପତିତ୍ୱ କରିଥିଲେ ତତ୍କାଳୀନ ବ୍ୟବସ୍ଥାପକ ସଭାର ସଦସ୍ୟ ରାମନାରାୟଣ ମିଶ୍ର । ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବର୍ମା, ଇଂରାଜୀ ପତ୍ରିକା "Searchlight" ରେ ପ୍ରକାଶିତ ଏକତ୍ରୀକରଣ ପ୍ରସଙ୍ଗ ପ୍ରତି ସମସ୍ତଙ୍କର ଦୃଷ୍ଟ୍ୟାକର୍ଷଣ କରିଥିଲେ । ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା ସମ୍ବଲପୁରରୁ ଦଳେ ସ୍ୱେଚ୍ଛାସେବୀଙ୍କୁ ଗଞ୍ଜାମ ନେଇ ସେଠାରେ ଗଞ୍ଜାମ ବାସୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । 'ଉତ୍କଳ ଦର୍ପଣ' ର ପ୍ରାକ୍ତନ ସମ୍ପାଦକ ତଥା ସମମ୍ବଲପୁର ଭାଷାଆନ୍ଦୋଳନ ର ଶ୍ରେଷ୍ଠ ପୁରୋଧା ଶ୍ରୀପତି ମିଶ୍ର ଚନ୍ଦ୍ର ଶେଖର ବାବୁଙ୍କୁ ବିଶେଷ ସମର୍ଥନ ପ୍ରଦାନ କରୁଥିଲେ । ଏସମୟରେ ଗୁରୁଆଞ୍ଜା, ଶ୍ରୀପତି ମିଶ୍ର ଓ ଚନ୍ଦ୍ର ଶେଖର ବେହେରା ବାବୁଙ୍କ ସହିତ ଯୋଗାଯୋଗ ସ୍ଥାପନ କରୁଥିଲେ ।

ସମ୍ବଲପୁରରୁ ସ୍ୱେଚ୍ଛାସେବୀ ଦଳଙ୍କ ସହିତ ନିଃସ୍ୱାର୍ଥପର କର୍ମୀ, ତ୍ୟାଗୀ, ସମାଜସେବୀ ଓ ବାଗ୍ମୀ ନୃସିଂହ ଗୁରୁ ସ୍ୱଇଚ୍ଛାରେ ଯୋଗଦାନ କଲେ । ଗୁରୁଆଞ୍ଜା ବାସ୍ତବରେ ଥିଲେ ଚନ୍ଦ୍ର ଶେଖର ବେହେରା ଙ୍କ ଆଜ୍ଞାବହ ଲେଫ୍‌ଟ୍ ନାଣ୍ଟ୍ । ନୃସିଂହ ଗୁରୁ ଇଂରେଜ ସରକାରଙ୍କ 'ବିଭେଦ ଓ ଶାସନ' ନୀତିକୁ ଉତ୍ତମ ରୂପେ ହୃଦୟଙ୍ଗମ କରିଥିଲେ । ସେଥିପାଇଁ ଲକ୍ଷ୍ୟହାସଲ ନିମିତ୍ତ ଆତ୍ମତ୍ୟାଗ ଓ ଆନ୍ଦୋଳନ ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ଅସହଯୋଗ ଆନ୍ଦୋଳନ ପରି ବିଚ୍ଛିନ୍ନାଞ୍ଚଳସ୍ଥିତ ଓଡ଼ିଆଭାଷାଭାଷୀ ଭ୍ରାତାଗଣଙ୍କ ଏକତ୍ରୀକରଣ ବିଷୟକ ଆନ୍ଦୋଳନରେ ସମ୍ବଲପୁର ଥିଲା ଅଗ୍ରଗାମୀ ।

ଫୁଲଝର, ଚନ୍ଦ୍ରପୁର ଓ ପଦମ୍‌ପୁରର ଅଧିବାସୀମାନେ ସମ୍ବଲପୁରରେ ରହିବାପାଇଁ ବିଶେଷ ଆଗ୍ରହୀ, କ୍ରିୟାଶୀଳ ତଥା ଉଦ୍ୟମଶୀଳ ଥିଲେ । ଜନଗଣନାକାରୀ ମାନେ ସେମାନଙ୍କୁ ଓଡ଼ିଆ ବୋଲି ପରିଚିତ କରାଇ ନ ଥିବାରୁ ସେମାନଙ୍କ ବିରୁଦ୍ଧରେ ଓଡ଼ିଆମାନେ ପ୍ରତିବାଦ କରିଥିଲେ । ସେମାନେ ଭାଷା, ବ୍ୟବହାର, ଧର୍ମ ଇତ୍ୟାଦି ସମସ୍ତ ବିଷୟରେ ଥିଲେ ଓଡ଼ିଆ ଜାତିର ଅନୁରୂପୀ । ଗୁରୁଆଞ୍ଜା ଫୁଲଝର, ଚନ୍ଦ୍ରପୁର ଓ ପଦମ୍ପୁର ଅଞ୍ଚଳକୁ ଗସ୍ତକରି ସେଠାକାର ଅଧିବାସୀ ମାନଙ୍କ ମଧ୍ୟରେ ସ୍ୱାଧୀନତା ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଜାଗରଣ ସୃଷ୍ଟି କରୁଥିଲେ ।

୧୯୨୬ ଖ୍ରୀ. ଅଗଷ୍ଟ ମାସରେ ଓଡ଼ିଶାର ପୁନଃ ସମ୍ମିଶ୍ରଣ ନିମିତ୍ତ ଏକ କମିଟୀ ଅନୁଷ୍ଠିତ ହୋଇଥିଲା । ଉକ୍ତ କମିଟୀର ସିଦ୍ଧାନ୍ତ ଅନୁସାରେ ସମ୍ବଲପୁରରୁ ଶଙ୍କର ପ୍ରସାଦ ପାଢ଼ୀ, ଡ଼. ରାମଚନ୍ଦ୍ର ମିଶ୍ର ଏବଂ ଗଣନାଥ ପାଣିଗ୍ରାହୀ ସମେତ ଏକ ତିନିଜଣିଆ ପ୍ରତିନିଧି ଦଳ ଫୁଲଝର ବାସୀଙ୍କ ପ୍ରକୃତ ଅଭିଳାଷ ଅନୁସନ୍ଧାନ କରିବାପାଇଁ ଫୁଲଝରକୁ ପ୍ରେରିତ ହୋଇଥିଲେ । ନୃସିଂହ ଗୁରୁ ସମସ୍ତଙ୍କ ମଧ୍ୟରେ ଥିଲେ ବୟଃ କନିଷ୍ଠ । ତଥାପି ମଧ୍ୟ ସେ ନିଷ୍କ୍ରିୟ ଦ୍ରଷ୍ଟାଭାବରେ ନ ରହି ସେମାନଙ୍କ ସହିତ ଯିବାପାଇଁ ସ୍ଥିରକରିଥିଲେ । ଚନ୍ଦ୍ର ଶେଖର ବେହେରା ଏହାକୁ ସମର୍ଥନ କରିଥିଲେ ।

ଗୁରୁଆଜ୍ଞା ଭାଇପାଇଁ ସଂଗ୍ରାମ କରିବା ନିମିତ୍ତ ଅତିଶୟ ଉତ୍ସାହ ସହକାରେ ଯାତ୍ରା କରିଥିଲେ । ପ୍ରତିନିଧିମାନେ ସେଠାରେ ବୈକୁଣ୍ଠ ବଡ଼ପଣ୍ଡାଙ୍କ ସହ ସଂଯୋଗ କରି ସେଠାକାର ଆନ୍ଦୋଳନ ବିଷୟରେ ଟିକିନିଖି ବିବରଣୀ ସଂଗ୍ରହ କଲେ । ସେମାନେ ତୋଷଗାଁଙ୍କୁ ମଧ ଯାତ୍ରା କରିଥିଲେ ଏବଂ ବିଦ୍ୟାଧର ଗଉଁତିଆ ପ୍ରଭୃତିଙ୍କୁ ସାକ୍ଷାତ କରିଥିଲେ । ସେମାନେ ଫୁଲଝରରେ ଆନ୍ଦୋଳନର ପୁରୋଧାଥିଲେ । ସେମାନେ ପ୍ରାୟ ପଚିଶିଟି ଗ୍ରାମର ଦାୟିତ୍ୱ ଗ୍ରହଣ କରିଥିଲେ । ନୃସିଂହ ଗୁରୁ ପ୍ରତିନିଧି ମାନଙ୍କ ସହିତ ବରୋଲି, ଖୁର୍ସିପାହାର ଇତ୍ୟାଦି ସ୍ଥାନଗୁଡ଼ିକୁ ଯାତ୍ରା କରିଥିଲେ । ସେ ପ୍ୟାରିଲାଲ ତିୱାରୀ, ମୋହନ ବାବୁ ଏବଂ ପଣ୍ଡିତ ବନମାଳୀ ମିଶ୍ର ଇତ୍ୟାଦି ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିଥିଲେ । ଆହୁରି ମଧ ସେମାନେ ସାଲଡ଼ିହରେ ପୁରୁଷୋତ୍ତମ ରଥଙ୍କୁ ସାକ୍ଷାତ କରିଥିଲେ । ପ୍ରତ୍ୟେକ ସ୍ଥାନର ଅଧିବାସୀଗଣ ଓଡ଼ିଆ ଜାତି ସହିତ ସମ୍ମିଶ୍ରିତ ହେବାପାଇଁ ଅତିଶୟ ଉତ୍କଣ୍ଠିତ ତଥା ଉତ୍ସୁକ ଥିବା ସେମାନେ ଅନୁଭବ କଲେ । ସ୍ୱାଧୀନତା ଆନ୍ଦୋଳନ ସହିତ ଓଡ଼ିଆ ପ୍ରଦେଶ ଗଠନ ପାଇଁ ଜାଗରଣ ବଳବତ୍ତର ହେଲା ।

୧୯୨୯ ଫେବୃୟାରୀ ୮ ତାରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ବଲପୁର ଆସିଥିଲେ । ମ୍ୟୁନିସିପାଲିଟି ଅଫିସ୍‌ରେ ତାଙ୍କ ପାଇଁ ଏକ ବିରାଟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଲା । ନୃସିଂହ ଗୁରୁ ଏ ସଭାର ଆୟୋଜନ ଦାୟିତ୍ୱ ବହନ କରିଥିଲେ । ଏହି ସଭାରେ ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମିତ୍ତ ସହଯୋଗ କରିବା ପାଇଁ ସମ୍ବଲପୁର ବାସୀଙ୍କୁ ଆହ୍ୱାନ କରିଥିଲେ । ତାଙ୍କର ଓଜସ୍ୱିନୀ ବକ୍ତୃତା ନୃସିଂହ ଗୁରୁଙ୍କୁ ବିଶେଷ ପରିମାଣରେ ପ୍ରଭାବିତ କରିଥିଲା । ସେ ଫୁଲଝର, ଖଡ଼ିଆଳ, ପଦ୍ମପୁର,ଚନ୍ଦ୍ରପୁର ଅଞ୍ଚଳକୁ ଯାତ୍ରାକରି ମଧୁବାବୁଙ୍କ ବାର୍ତ୍ତା ପ୍ରଚାର କଲେ । ଫଳରେ ଆନ୍ଦୋଳନ ତେଜୀୟାନ୍ ହୋଇଉଠିଲା, କିନ୍ତୁ ଫୁଲଝର ଓ ଚନ୍ଦ୍ରପୁର ଅଞ୍ଚଳ ଉପରେ ଏ ଆନ୍ଦୋଳନର ପ୍ରଭାବ ବିଶେଷ ଉପଲବ୍ଧି ହେଲା ନାହିଁ ।

୧୯୩୧ ଜୁଲାଇ ତା ୨୪ ଦିନ ଉତ୍କଳ ସାହିତ୍ୟ ସମ୍ପାଦକ ବିଶ୍ୱନାଥ କର ସମ୍ବଲପୁରକୁ ଆଗମନ କରିଥିଲେ । ତତ୍ପରେ ପୁଣି ସମ୍ବଲପୁରରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଭାଷାଭାଷୀଙ୍କର ଏକତ୍ରୀକରଣ ନିମିତ୍ତ ଦେଖା ଦେଇଥିଲା ପୁନର୍ଜାଗରଣ । ସେତେବେଳେ ଓଡ଼ିଶାର ପୁନଃ-ଏକତ୍ରୀକରଣ କମିଟୀର ପ୍ରେସିଡେଣ୍ଟ ଥିଲେ ନୃସିଂହ ଗୁରୁ । ଅତୀବ ଉତ୍ସାହ ଓ ଉଦ୍ଦୀପନା ସହ ସେ ଉକ୍ତ କାର୍ଯ୍ୟ ସମାପନ କରିଥିଲେ । ତାଙ୍କ ନେତୃତ୍ୱରେ ସମ୍ବଲପୁରର ଟାଉନହଲ୍‌ଠାରେ ଏକ ବଡ଼ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସବୁ ଶ୍ରେଣୀର ଲୋକ ଯୋଗଦାନ କରିବା ପାଇଁ ଦ୍ୱାର ଉନ୍ମୁକ୍ତ ଥିଲା । ଉକ୍ତ ସଭାରେ ବିଶ୍ୱନାଥ ଏବଂ ନୃସିଂହ ଗୁରୁ ଉଭୟେ ଇଂରେଜ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏବଂ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଲୋକମାନଙ୍କୁ ପ୍ରେରଣା ଦେଇଥିଲେ ।

ତା ୧୭-୯-୧୯୨୪ ଦିନ ଠାରୁ ଗୁରୁଆଜ୍ଞା ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ତାଙ୍କର ପ୍ରଭାବରେ ଭାରତୀୟ ଜାତୀୟ କଂଗ୍ରେସ ମଧ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅନୁକୂଳ ମତ ପ୍ରଦାନ କରିଥିଲେ ।

୧୯୩୧ଖ୍ରୀ. ରେ ଓଡ଼ିଶାର ସୀମାରେଖା ନିରୂପଣ କରିବା ନିମିତ୍ତ O'Denell କମିଟୀ ନିଯୁକ୍ତ ହୋଇଥିଲେ । ଚନ୍ଦ୍ର ଶେଖର ବେହେରା ନୃସିଂହ ଗୁରୁଙ୍କ ସହିତ ମିଶି ଉକ୍ତ କମିଟୀକୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଆହୁରି ମଧ ସେ ଜନସାଧାରଣଙ୍କୁ କମିଟୀ ସମ୍ମୁଖରେ ସ୍ୱୀୟମତ ଉପସ୍ଥାପନ କରିବା ପାଇଁ ସଭା ସମିତି ମାଧ୍ୟମରେ ଉଦ୍‌ବୋଧନ ଦେଉଥିଲେ । ନୃସିଂହ ଗୁରୁଙ୍କ ନେତୃତ୍ୱରେ ଗୋଟିଏ କମିଟୀ ଗଠିତ ହୋଇଥିଲା । ସେଥିରେ ଭଗବାନ ମିଶ୍ର ସେକ୍ରେଟାରୀ ଏବଂ ଜୟନାରାୟଣ ପାଣିଗ୍ରାହୀ ଥିଲେ କୋଷାଧ୍ୟକ୍ଷ । ଶଙ୍କର ପ୍ରସାଦ ପାଢ଼ୀ ଏବଂ ଆଉ କେତେଜଣ ପଦ୍ମପୁର ଅଞ୍ଚଳ ଗସ୍ତ କଲେ । ଭାଗୀରଥୀ ଗଁଉତିଆ ଇତ୍ୟାଦି ଯାତ୍ରା କଲେ ରାୟପୁର ଅଞ୍ଚଳକୁ । ବାଟରେ ବଙ୍କିମ ଚନ୍ଦ୍ର ପଟ୍ଟନାୟକଙ୍କ ସହିତ ଆଲୋଚନା କରିବା ପରେ କର୍ମୀଗଣ ଖରିଆର ଅଞ୍ଚଳକୁ ଗସ୍ତ କଲେ । ବାଟରେ ସେମାନେ ଜୌଙ୍କ, ନୂଆଁପଡ଼ା ଇତ୍ୟାଦି ସ୍ଥାନକୁ ଗଲେ ଏବଂ ଲୋକମାନଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସକ୍ରିୟ ଆନ୍ଦୋଳନ କରିବା ନିମିତ୍ତ ଉତ୍ସାହ ପ୍ରଦାନ କରିଥିଲେ ।

ନୃସିଂହ ଗୁରୁ ବହୁବାର ଖରିଆର କୁ ଯାଇଥିଲେ । ଆନ୍ଦୋଳନରେ ଗୋକୁଳ ଚନ୍ଦ୍ର ପଟ୍ଟନାୟକ ଏବଂ ଲକ୍ଷ୍ମଣ ପଟ୍ଟନାୟକ ତାଙ୍କୁ ବହୁତ ସାହାଯ୍ୟ କରିଥିଲେ । ସେମାନେ ଓଡ଼ନେଲ୍ କମିଟୀ ସମ୍ମୁଖରେ ସେମାନଙ୍କ ବକ୍ତବ୍ୟ ପ୍ରଦାନ କଲେ । ଏହା କମିଟୀକୁ ବେଶ ବିମୁଗ୍ଧ କରିଥିଲା । ନୃସିଂହ ଗୁରୁଙ୍କ ନିରବଚ୍ଛିନ୍ନ ତଥା ଅକ୍ଲାନ୍ତ ଉଦ୍ୟମ ଫଳରେ ପଦ୍ମପୁର ଅଞ୍ଚଳର ଅନେକ ଅନେକ ଗଉଁତିଆ ଓ କୁଲ୍‌ତା ନେତା ବିଦ୍ୟାଧର, ଫୁଲଝର ଜମିଦାରୀରୁ ଲୋଚନ ସିଂହ, ସମ୍ବଲପୁର ସହରର ବିଶିଷ୍ଟ ବ୍ୟକ୍ତି ରାମନାରାୟଣ ମିଶ୍ର, ବୋଧରାମ ଦୁବେ, ମହମ୍ମଦ ସାଲିହା ଓ ନୃସିଂହ ଗୁରୁ କମିଟୀ ସମ୍ମୁଖରେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ । ଏ ଆନ୍ଦୋଳନରେ ଦେଶୀୟରାଜ୍ୟ ଗୁଡ଼ିକୁ ମଧ ଓଡ଼ିଶାରେ ମିଶାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଫୁଲଝର ଜମିଦାର ଓଡ଼ିଶା ପ୍ରଦେଶ ସହିତ ସମ୍ମିଶ୍ରିତ ହେବା ପାଇଁ ଆଗ୍ରହୀ ନ ଥିଲେ । ଫଳରେ ଫୁଲଝର ମଧ୍ୟପ୍ରଦେଶରେ ରହିଲା ।

୧୯୩୧ ଡ଼ିସେମ୍ବର ତା ୧ ଦିନ ଓଡ଼େନେଲ୍ କମିଟୀ ସମ୍ବଲପୁରରେ ପହଞ୍ଚିଲା । ଡ଼େପୁଟୀ କମିଶନର ନୀଳମଣି ସେନାପତି, ଚନ୍ଦ୍ର ଶେଖର ବେହେରା, ଅଚ୍ୟୁତା ନନ୍ଦ ପୁରୋହିତ ଓ ପର୍ଶୁରାମ ମିଶ୍ର ପ୍ରମୁଖ କମିଟୀର ସଭ୍ୟ ମାନଙ୍କୁ ଅଭ୍ୟର୍ଥନା ଜଣାଇଲେ । ନୃସିଂହ ଗୁରୁ ସ୍ଥାନୀୟ ବିଦ୍ୟାଳୟ ଗୁଡ଼ିକର ଛାତ୍ରମାନଙ୍କୁ ଏକତ୍ରିତ କରି କମିଟୀ ସମ୍ମୁଖରେ ଉପସ୍ଥିତ କରାଇଲେ । ଛାତ୍ରମାନେ ହାତରେ ଧରିଥିଲେ ଜାତୀୟ ପତାକା । ପଟ୍ଟନାୟକ ପଡ଼ାର ଯୁବସଂଘ ଜାତୀୟ ସଂଗୀତ ଗାନ କରି ଏକ ଅଭୂତପୂର୍ବ ଶୋଭାଯାତ୍ରା କରିଥିଲେ । ଓଡ଼ିଆ ଭାଷାଭାଷୀ ମାନଙ୍କ ଏକତ୍ରୀକରଣ ପାଇଁ ସେମାନେ ସ୍ଲୋଗାନ ଦେଇ କମିଟୀର ସଦସ୍ୟମାନଙ୍କୁ ବିମୁଗ୍ଧ କରିଥିଲେ । ପଦ୍ମପୁର, ଖରିଆର ଓ ଶକ୍ତି ପାଇଁ ସେମାନେ ଦାବୀ ଉପସ୍ଥାପନ କରିଥିଲେ । ପର୍ଶୁରାମ ସାହାଣୀ ଏ ଶୋଭାଯାତ୍ରା ରେ ଅଗ୍ରଣୀ ଥିଲେ । ଓଡ଼େନେଲ୍ କମିଟୀ କିନ୍ତୁ ନୈରାଶ୍ୟପୂର୍ଣ୍ଣ ବିବରଣୀ ପ୍ରଦାନ କଲେ । ଓଡ଼ିଶା ପ୍ରଦେଶ ଗଠିତ ହେବା ପୂର୍ବରୁ ଚନ୍ଦ୍ର ଶେଖର ବେହେରା ଇହଧାମ ତ୍ୟାଗ କଲେ । ଗୁରୁଆଜ୍ଞା ନିଜକୁ ଅସହାୟ ମନେକଲେ । ସ୍ୱାଧୀନତା ପରେ ସେ ସାମ୍ପ୍ରଦାୟିକତା, ଅସ୍ପୃଶ୍ୟତା ନିବାରଣ, ମାଦକଦ୍ରବ୍ୟ ସେବନ ବିରୁଦ୍ଧରେ ଜାଗରଣ ଓ ସର୍ବୋପରି ନାରୀଶିକ୍ଷାର ପ୍ରସାର ପାଇଁ ତାଙ୍କର ଅବଶିଷ୍ଟ ଜୀବନ ଅତିବାହିତ କରିଥିଲେ । ଗୁରୁଆଜ୍ଞାଙ୍କ ଅତୁଳନୀୟ ଅବଦାନ ପାଇଁ ମୁଁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।